ଗ୍ୟାସରୁ ବିଜୁଳି ଶକ୍ତି ଉତ୍ପାଦନ ପାଇଁ ୪ଟି ନୂଆ ପ୍ରକଳ୍ପ ଯୋଜନା କରାଯାଇଛି । ୨୦୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଏହି ଚାରିଟି ପ୍ଲାଣ୍ଟ ପିପିପି ମୋଡ୍‌ରେ ନିର୍ମାଣ ହେବ । - **ଧର୍ମେନ୍ଦ୍ର ପ୍ରଧାନ, କେନ୍ଦ୍ରମନ୍ତ୍ରୀ @dpradhanbjp**

ତ୍ରିମତ | ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା

ଓଡ଼ିଶାକୁ ସ୍ୱତନ୍ତ୍ର ପାହ୍ୟା କେତେ ଯୁକ୍ତିଯୁକ୍ତ

ପୁଣିଥରେ ତେଜିଛି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବି । କେନ୍ଦ୍ରମନ୍ତ୍ରୀ ଭିକେ ସିଂହଙ୍କ ଓଡ଼ିଶା ଗସ୍ତ ଓ ତାଙ୍କ ବୟାନକୁ କେନ୍ଦ୍ରକରି ବିଜେଡିର ଯୁବ ଓ ଛାତ୍ର ବାହିନୀ ଆଗକୁ ଆସିଛନ୍ତି । ରାଜ୍ୟପାଳଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଦେବାସହ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦେବାକୁ ଦାବି କରିଛନ୍ତି । ପ୍ରଶ୍ନ ଉଠୁଛି ଯେଉଁ ଯୁକ୍ତିକୁ ରଘୁରାଜନ୍ କମିଟି ଅଗ୍ରାହ୍ୟ କରିଛନ୍ତି ସେଠାରେ ପୁଣିଥରେ ଏପରି ଦାବି ଉଠାଇବାର କି ଯଥାର୍ଥତା ରହିଛି ? ଅପରପକ୍ଷେ ରାଜ୍ୟକୁ ଆସୁଥିବା ଅନୁଦାନ ଖର୍ଚ୍ଚ ନହୋଇ ଫେରିଯାଉଥିବା ବେଳେ ଏପରି ଦାବି କେତେ ଯଥାର୍ଥ ? ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଗଲେ ଓଡ଼ିଶାରୁ ଦାରିଦ୍ର୍ୟ ଦୂର ହୋଇପାରିବ କି ? ବରଂ ପ୍ରଶ୍ନ ହେଉଛି, ପ୍ରାଚୁର୍ଯ୍ୟପୂର୍ଣ୍ଣ ଓଡ଼ିଶାର ବିକାଶ କିପରି ହୋଇପାରିବ ? ଭିତ୍ତିଭୂମି, ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ରାଜ୍ୟ ଓ କେନ୍ଦ୍ର ସରକାର ଉଦ୍ୟମ କରିବା ଆବଶ୍ୟକ କି ? ତାହା ନକରି କେବଳ କାଦୁଅ ଫୋପଡ଼ା ରାଜନୀତିରେ ବର୍ଷ ପରେ ବର୍ଷ ବିତାଇ ନିର୍ବାଚନ ଲଢ଼ିବା କେତେ ଯଥାର୍ଥ ?



ସ୍ୱତନ୍ତ୍ର ସହାୟତା ଜରୁରୀ

ରବି ଦାସ
ରାଜନୀତିକ ସମୀକ୍ଷକ

ଓଡ଼ିଶା ଭାରତବର୍ଷର ଏକ ଦରିଦ୍ର ରାଜ୍ୟ । ଯେଉଁ ରଘୁରାଜନ କମିଟି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ବ୍ୟବସ୍ଥାକୁ ଉଚ୍ଛେଦ ପାଇଁ ପରାମର୍ଶ ଦେଇଥିଲେ ସେହି କମିଟି ଏହି ରିପୋର୍ଟ ଦେଇଛନ୍ତି । ସ୍ୱାସ୍ଥ୍ୟ, ଭିତ୍ତିଭୂମି, କୃଷି ଏବଂ ଶିକ୍ଷା ତଥା ଅନ୍ୟ କ୍ଷେତ୍ରରେ ଓଡ଼ିଶା ଅନ୍ୟ ରାଜ୍ୟଠୁ ବେଶ୍ ପଛରେ ରହିଛି । ଏଣୁ ଅନ୍ୟ ରାଜ୍ୟ ସହ ଏହାକୁ ସମକକ୍ଷ କରିବାକୁ ହେଲେ ଓଡ଼ିଶାକୁ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ହେବ । ଆଇଆଇଟି, ଏମ୍ସ ଅଥବା ନାଇଜର୍ କରିଦେଲେ ରାଜ୍ୟର ବିକାଶ ହୋଇପାରିବନାହିଁ ଏବଂ ଏଥିପାଇଁ ରାଜ୍ୟଦ୍ୱାରା ପରିଚାଳିତ ଅନୁଷ୍ଠାନଗୁଡ଼ିକର ବିକାଶ ହେବା ଦରକାର । ଆଉ ଏହାକୁ ରାଜ୍ୟ ପାରିବ ନାହିଁ, କାରଣ ସମ୍ବଳର ଅଭାବ ରହିଛି । ଏଣୁ ଏ କ୍ଷେତ୍ରରେ ବ୍ୟାପକ ପୁଞ୍ଜି ନିବେଶର ଆବଶ୍ୟକତା ରହିଛି । ଏ ପୁଞ୍ଜିନିବେଶ ଘରୋଇ କ୍ଷେତ୍ର ଦ୍ୱାରା ସମ୍ଭବ ନୁହେଁ । କାରଣ ଘରୋଇ କ୍ଷେତ୍ର ନିଜର ଫାଇଦା କଥା ନିବେଶରେ ଚିନ୍ତା କରନ୍ତି । ଏଣୁ ସରକାରୀ ସ୍ତରରେ ପୁଞ୍ଜିନିବେଶ ହୋଇ ରାଜ୍ୟରେ ଥିବା ଭିତ୍ତିଭୂମିର ବିକାଶ ହେବା ଦରକାର ।

ଓଡ଼ିଶା ଏକ ପ୍ରାଚୁର୍ଯ୍ୟପୂର୍ଣ୍ଣ ରାଜ୍ୟ । ଖଣିଜ ସମ୍ପଦରେ ଏହା ପରିପୂର୍ଣ୍ଣ । ସମସ୍ତେ ଏହାକୁ ଦେଖି କହୁଛନ୍ତି ଏ ରାଜ୍ୟ ପଛୁଆ କାହିଁକି ? ପ୍ରକୃତ କଥା ହେଉଛି ପାହାଡ଼ ଉପରେ ରାଜ୍ୟର ଅଧିକାର ନାହିଁ । ଏହା କେନ୍ଦ୍ର ସରକାରଙ୍କ ଅଧୀନରେ ରହିଛି । ଏଣୁ ସଙ୍ଘୀୟ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଏ ରାଜ୍ୟର ବିକାଶ କରିବା ସରକାରଙ୍କ ଦାୟିତ୍ୱ । କାରଣ ଖଣିଜ ନିଲାମୀରୁ ଅନେକ ଭାଗ କେନ୍ଦ୍ର ଆଡ଼କୁ ଯାଇଥାଏ । ଅପରପକ୍ଷେ ଯେଉଁ ୧୪ତମ ଅର୍ଥନୀତିକ କମିଶନଙ୍କ ଉଦାହରଣ ଦେଇ କେନ୍ଦ୍ର ସରକାରଙ୍କ ପ୍ରତିନିଧିମାନେ କହୁଛନ୍ତି ଓଡ଼ିଶାକୁ ଯଥେଷ୍ଟ ସହାୟତା ଦିଆଯାଉଛି, ତାହା ମିଛ । କାରଣ ଏ କମିଶନ କେବଳ ଓଡ଼ିଶା ପାଇଁ ନିର୍ଦ୍ଧାରିତ ହୋଇନାହିଁ । ଏହା ସାରା ଭାରତ ବର୍ଷର ବ୍ୟବସ୍ଥାକୁ ଆଖିରେ ରଖି ସୁପାରିସ୍ ହୋଇଛି । ଏଣୁ ଏ ବିଷୟରେ ବାଦ ବିବାଦ ହେବା ବଦଳରେ ଯିଏ ବି ସରକାରରେ ଥାଉ ନାହିଁକି ରାଜ୍ୟ ଅନୁଦାନକୁ ଆଖିରେ ରଖି ରାଜ୍ୟର ବିକାଶ ଦିଗରେ ସହାୟକ ହେବା ଜରୁରୀ । ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ନହେଲେ ବି ସ୍ୱତନ୍ତ୍ର ସହାୟତା ବ୍ୟବସ୍ଥା ହେବା ଉଚିତ ।



ଓଡ଼ିଶାକୁ କେନ୍ଦ୍ର ଦୟା କରୁନାହିଁ

ସନ୍ତୋଷ ମହାପାତ୍ର
ସ୍ତମ୍ଭକାର

କେନ୍ଦ୍ରୀୟ କର ଆଦାୟରେ ରାଜ୍ୟର ଅଂଶକୁ ୧୪ତମ ଅର୍ଥନୀତିକ କମିଶନ ଓଡ଼ିଶା ପାଇଁ ୧୦ ପ୍ରତିଶତ ବୃଦ୍ଧି କରିଛନ୍ତି । ଅର୍ଥାତ୍ ପୂର୍ବରୁ ଯେଉଁ ୩୨%ଅଂଶ କେନ୍ଦ୍ରୀୟ ଟିକସ ବାବଦକୁ ମିଳୁଥିଲା ତାହା ୪୨ %କୁ ବୃଦ୍ଧି ପାଇ ୧.୮୪ ଲକ୍ଷ କୋଟିରେ ପହଞ୍ଚିଛି । ଏହି ସୁପାରିସ୍‌କୁ ଲାଗୁ କରି କେନ୍ଦ୍ରରେ ଥିବା ଏନ୍‌ଡିଏ ସରକାର ଓଡ଼ିଶା ପ୍ରତି ଦୟା କରୁଛି ବୋଲି ଭାବିବା ଉଚିତ ନୁହେଁ । ଏହା ଓଡ଼ିଶାର ହକ୍ । ଯେଉଁଭଳି ଭାବେ ଅନ୍ୟ ରାଜ୍ୟପାଇଁ କର ବ୍ୟବସ୍ଥା କରାଯାଇଛି ଠିକ୍ ସେହିଭଳି ଓଡ଼ିଶା ପାଇଁ ବ୍ୟବସ୍ଥା ହୋଇଛି । କିନ୍ତୁ ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଯେଉଁ କାର୍ଯ୍ୟକ୍ରମ ସବୁ ଚାଲୁଥିଲା ସେଥିରୁ ଅଧିକାଂଶକୁ କେନ୍ଦ୍ର ସରକାର ବନ୍ଦ କରିଦେଇଛନ୍ତି ବା ସେଥିରୁ ଅର୍ଥ ଅପସାରଣ କରିଛନ୍ତି । ଏହା ଓଡ଼ିଶା ପ୍ରତି ଏକ ମାରଣ ନୀତି । ଅପର ପକ୍ଷେ ଓଡ଼ିଶା ଅନେକ କ୍ଷେତ୍ରରେ ଏକ ପଛୁଆ ରାଜ୍ୟ ହୋଇ ରହିଛି । ଏଣୁ ରାଜ୍ୟର ବିକାଶ ପାଇଁ ସ୍ୱତନ୍ତ୍ର ପ୍ୟାକେଜ୍‌ର ଆବଶ୍ୟକତା ରହିଛି । ରଘୁରାଜନ କମିଟିଙ୍କ ସୁପାରିସ୍ ଲାଗୁ ପରେ ରାଜ୍ୟ ନେତୃତ୍ୱଙ୍କ ପକ୍ଷରୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ହେଉଥିବା ଦାବି ଯଥାର୍ଥ ହୋଇ ନପାରେ କିନ୍ତୁ ଓଡ଼ିଶାର ବିକାଶ ପାଇଁ ସ୍ୱତନ୍ତ୍ର ଅର୍ଥିକ ପ୍ୟାକେଜ୍‌ର ଆବଶ୍ୟକତା ରହିଛି ।

ଓଡ଼ିଶାର ବିକାଶ ପାଇଁ କେନ୍ଦ୍ରର ଅବଦାନ ଯଥେଷ୍ଟ କମ୍ । ଯେଉଁ ପରିମାଣରେ ଟିକସ ଓଡ଼ିଶାରୁ କେନ୍ଦ୍ର ନେଉଛି ସେହି ପରିମାଣରେ ଅନୁଦାନ ନାହିଁ । ଅବଶ୍ୟ ଏହା ସତ ଯେ, ଓଡ଼ିଶା ସରକାର ଟଙ୍କା ଖର୍ଚ୍ଚ କରିପାରୁ ନାହାନ୍ତି, କେନ୍ଦ୍ରୀୟ ଅନୁଦାନ ଫେରିଯାଉଛି । କିନ୍ତୁ ଏଥିରେ କୌଣସି ସନ୍ଦେହ ନାହିଁ ଯେ, ଓଡ଼ିଶା ଏକ ଦରିଦ୍ର ରାଜ୍ୟ । ଅନେକ ସମୟରେ ଏହା ଏମିତି ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହୁଏ ଯେ, ଯେଉଁଥିରେ ରାଜ୍ୟ ଅର୍ଥନୀତିର ମେରୁଦଣ୍ଡ ଭାଙ୍ଗିଯାଏ । ବନ୍ୟା ବାତ୍ୟା, ମରୁଡ଼ି ଏଠାରେ ନୂଆ ବିଷୟ ନୁହେଁ । ଏସବୁ ସ୍ଥିତିରୁ ମୁକୁଳିବା ପାଇଁ ଏଠାରେ ସ୍ୱତନ୍ତ୍ର ପ୍ୟାକେଜ୍ ଓ ବ୍ୟବସ୍ଥାର ଆବଶ୍ୟକତା ରହିଛି । ତାହା ନକରି କେବଳ ରାଜନୀତିକ ଉଦ୍ଦେଶ୍ୟରେ ଓଡ଼ିଶାକୁ ଗରିବ ରାଜ୍ୟ ବୋଲି କହି ପ୍ରଚାର କରିବାର କୌଣସି ଆବଶ୍ୟକତା ନାହିଁ ।

ପରିବର୍ତ୍ତନ ଦରକାର

ପ୍ରସନ୍ନ ମିଶ୍ର
ପ୍ରାକ୍ତନ ପ୍ରଶାସକ

ଓଡ଼ିଶାରେ ଦାରିଦ୍ର୍ୟ ଦୂରୀକରରଣ ପାଇଁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତାର କୌଣସି ଆବଶ୍ୟକତା ନାହିଁ । ବରଂ ଯାହା ଆବଶ୍ୟକ ତାହା ହେଉଛି ଏକ ଦୃଢ଼ ପ୍ରଶାସନ । ଏବେ ଯେଉଁ ଶାସନ ବ୍ୟବସ୍ଥା ଚାଲିଛି ସେଥିରେ ପରିବର୍ତ୍ତନ ଅପେକ୍ଷା ଲୋକଙ୍କୁ ଭୋଟ୍ ବ୍ୟାଙ୍କ୍ ଭାବେ ବ୍ୟବହାର କରିବାର ଏକ ପ୍ରତିଯୋଗିତା ଚାଲିଛି । ଓଡ଼ିଶାର ନେତୃତ୍ୱ ଉତ୍କର୍ଷତାର ସ୍ୱାଦ କ'ଣ ତାହା ଜାଣି ନାହାନ୍ତି କି ଜାଣିବାକୁ ଚାହୁଁ ନାହାନ୍ତି । ଉତ୍କର୍ଷତା ହାସଲ ପରିବର୍ତ୍ତେ ଶାସନ କ୍ଷେତ୍ରଟି ମରୀଚିକା ପଛରେ ଧାଉଁଛନ୍ତି ସେଥିଲାଗି ବାରମ୍ବାର ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ଦାବିକରି କେବଳ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରୁଛନ୍ତି । ଓଡ଼ିଶାର ବିକାଶ ପଛରେ ଏହାର ଦୁର୍ବଳ ପ୍ରଶାସନ ଏବଂ ଦୁର୍ବଳ ରାଜନୀତି ହିଁ ମୁଖ୍ୟ ଅନ୍ତରାୟ । ଯେପର୍ଯ୍ୟନ୍ତ ଏହି ନେତୃତ୍ୱରେ ପରିବର୍ତ୍ତନ ନହୋଇଛି ସେ ପର୍ଯ୍ୟନ୍ତ ରାଜ୍ୟରେ ବିକାଶ ଦେଖିବା ଅସମ୍ଭବ ।

ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପାଇଁ ଦାବି କରିବା ପୂର୍ବରୁ ସେମାନେ ପ୍ରଥମେ ଏହାର ବିଧି ବ୍ୟବସ୍ଥା ଅନୁଧ୍ୟାନ କରିବା ଆବଶ୍ୟକ ଥିଲା । ଯାହା ସେମାନେ ସଂକୀର୍ଣ୍ଣ ରାଜନୀତିକ ମନୋଭାବ ହେତୁ ଚିନ୍ତା କରୁନାହାନ୍ତି । ଆମ ରାଜ୍ୟ କୌଣସି ବୈଦେଶିକ ସୀମା ସଂଲଗ୍ନ ରାଜ୍ୟ ନୁହେଁ କି ପାହାଡ଼ିଆ ଅଞ୍ଚଳରେ ଅବସ୍ଥିତ ନୁହେଁ । ଅପରପକ୍ଷେ ଆମ ରାଜ୍ୟ ନିଜସ୍ୱ ଟିକସ ଆଦାୟ କରିବାର ଅନେକ ପରିସର ଓ ଭିତ୍ତିଭୂମି ରଖିଛି । ଅନେକ ସମୟରେ ଆମକୁ ସ୍ୱପ୍ନ ଦେଖାଯାଇଛି ଯେ, ଓଡ଼ିଶା ସାରା ଭାରତ ବର୍ଷର ଇସ୍ପାତ ଉତ୍ପାଦନର ପେଣ୍ଠସ୍ଥଳ ହେବ । ଠିକ୍ ସେମିତି ଆଲୁମିନିୟମ ଉତ୍ପାଦନରେ ଆମେ ସବୁଠାରୁ ଆଗରେ ରହିବୁ ଏବଂ ଏଥିଲାଗି ଯଥେଷ୍ଟ ପୁଞ୍ଜିନିବେଶ ଓ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ଆଶ୍ୱାସନା ପାଇଛୁ । କିନ୍ତୁ ବାସ୍ତବରେ ତାହାର କାଣିଚାଏ ବି ସାକାର ହୋଇନାହିଁ । ଏଠି ଲୋକଙ୍କ ଗୋଡ଼କୁ ପଛରୁ ଟାଣି ତାଙ୍କୁ ଅଭାବ ଅନଟନ ଭିତରେ ରଖିବାର ଏକ ରାଜନୀତିକ ମାନସିକତା ବିକଶିତ ହୋଇଛି । ଯାହା ରାଜ୍ୟକୁ ଅଭୂତପୂର୍ବ କ୍ଷତି ଆଣିଛି । ଏଥିପ୍ରତି ଯତ୍ନବାନ ହେବା ଆବଶ୍ୟକ । ତାହା ନକରି ମରୀଚିକା ପଛରେ ଧାଇଁଲେ ଲାଭ କ'ଣ ?

ଆପଣ ଏ ପ୍ରସଙ୍ଗରେ ଇ-ମେଲ୍ nitidinedit@gmail.com ଜରିଆରେ ନିଜର ମତାମତ ଦେଇପାରିବେ ।

ଉପସ୍ଥାପନା: ହରିହର ପଣ୍ଡା

ଟ୍ୱିଟ୍ @nitidintoday



ଜିଏସ୍‌ଟିର ସୁସ୍ଥ ରୂପାୟନ ଲାଗି ପ୍ରଧାନମନ୍ତ୍ରୀ ଏକ ସ୍ୱତନ୍ତ୍ର ରୂପାୟନ କମିଟି ଗଠନ କରନ୍ତୁ । ଏହା ଦେଶ ଅର୍ଥନୀତି ବ୍ୟବସ୍ଥାକୁ ନିରାପଦ ଓ ସୁସ୍ଥ କରିବାରେ ସହାୟକ ହେବ ।
- ସୁବ୍ରମଣ୍ୟନ୍ ସ୍ୱାମୀ, ସାଂସଦ @Swamy39



ମହାରାଷ୍ଟ୍ର, ୟୁପି, ତାମିଲ୍‌ନାଡୁ, ପଞ୍ଜାବରେ ଯେଉଁ କୃଷିଋଣ ଛାଡ଼ର ପରମ୍ପରା ଚାଲିଛି ତାହା ଅନ୍ୟ ରାଜ୍ୟକୁ ନ ବ୍ୟାପି ତାହାର ପୂର୍ଣ୍ଣଚ୍ଛେଦ ପଡ଼ିବା ଦରକାର ।
- ଗୌତମ ଚିକରମାନେ, ସ୍ତମ୍ଭକାର
@gchikermane



ଯେତେବେଳେ ଅଣ୍ଡା ଆପଣଙ୍କ ମୁଣ୍ଡରେ ନପଡ଼ି କାର୍‌ରେ ପଡ଼ିବ ସେତେବେଳେ ଅଣ୍ଡାମାଡ଼ ଏକ ଅପରାଧ, କାରଣ ମୁଣ୍ଡଠୁ କାର୍ ଅଧିକ ମୂଲ୍ୟବାନ ।
- ବିଭୁ ରଥ, ସିଇଓ- ଅର୍‌ଟେଲ୍
@BibhuRath

ଯେତେବେଳେ ଘରୋଇ କମ୍ପାନୀ ଭଲ ପ୍ରଦର୍ଶନ କରୁଛନ୍ତି ସେଠାରେ ଆମେ କାହିଁକି ଅଧିକ ସରକାରୀ କମ୍ପାନୀଙ୍କୁ ଦରକାର କରୁଛେ । ପ୍ରଧାନମନ୍ତ୍ରୀ ମହାଶୟ, ଦେଶର ସମସ୍ତ ସରକାରୀ ଉଦ୍ୟୋଗର ଘରୋଇକରଣ କରିବା ଲାଗି ଆମେ ଏକ ନିର୍ଦ୍ଦିଷ୍ଟ ତାରିଖ ଘୋଷଣା କରିପାରିବା କି ?
-ବିଶ୍ୱଜିତ ମହାନ୍ତି, ସାମାଜିକ କର୍ମୀ
@biswajitmohanty



ଭାରତକୁ ରକ୍ତାକ୍ତ କରିବା, ଏଠାର ଲୋକଙ୍କୁ ମାରି ଆତଙ୍କରାଜ ବିସ୍ତାର କରିବାପାଇଁ ପାକିସ୍ତାନ ଏକ ନିରନ୍ତର ନୀତି ଆପଣାଇଛି । ଏଥିରେ ଭାରତର ଜମ୍ମୁ-କଶ୍ମୀର, ପଞ୍ଜାବ ଓ ଅନ୍ୟ ଅଞ୍ଚଳ ନୁହେଁ ବରଂ ଆଫଗାନିସ୍ତାନ ବି ସାମିଲ୍ ।
- ଗୌରବ ସାୱନ୍ତ, ସାମ୍ବାଦିକ @gauravcsawant

ଭାରତୀୟ ମୁଲ୍ଲାମାନେ ଇସ୍‌ଲାମ୍‌କୁ ଅନୁସରଣ କରୁନାହାନ୍ତି ସେମାନେ ଇସ୍‌ଲାମ୍‌ବାଦକୁ ଅନୁସରଣ କରୁଛନ୍ତି ।
- ତାରିକ୍ ଫତାହ୍, ଲେଖକ
@TarekFatah



ସ୍ୱାଧୀନତା ପରେ ବିଜେପି ପ୍ରଥମଥର ପାଇଁ ଶିମ୍ଲା ମ୍ୟୁନିସିପାଲ୍ କର୍ପୋରେସନ୍ ନିର୍ବାଚନ ଜିତିଛି । କଂଗ୍ରେସ ଓ କମ୍ୟୁନିଷ୍ଟ ପତନର ଏହା ଆଉ ଏକ ଉଦାହରଣ ।
- ଅମିତ ମାଲବ୍ୟ, ପ୍ରଯୁକ୍ତି ବିଦ୍ୟା କନ୍‌ସଲଟାଣ୍ଟ
@malviyamit

ମୋ ମତରେ

ସମାଲୋଚନା ହିଁ ପ୍ରଗତିପଥର ଦ୍ୱାର

ସୁରେନ୍ଦ୍ର କୁମାର ପଣ୍ଡା, ବରଗଡ଼

ନିକଟରେ ବରଗଡ଼ ସହରର ଜଳସଙ୍କଟ ଅବସ୍ଥାକୁ ଦୂର କରିବା ପାଇଁ ପୌରପରିଷଦ ତଥା ଜନସ୍ୱାସ୍ଥ୍ୟ ବିଭାଗ ତରଫରୁ କେତେକ ପଦକ୍ଷେପ ନିଆଯାଉଥିବା ଗଣମାଧ୍ୟମରେ ପ୍ରକାଶ ପାଇଲା । ଏହା ସ୍ୱାଗତଯୋଗ୍ୟ । ମାତ୍ର କେବଳ କେନାଲ ଜଳକୁ ବାଲିବନ୍ଧ କରି ପାଣି ଅଟକାଇବା ଅପେକ୍ଷା ବରଗଡ଼ ପୌରାଞ୍ଚଳ ଅଧୀନସ୍ଥ ସମସ୍ତ ବନ୍ଧ ତଥା କଁଟାଗୁଡ଼ିକର ପୁନରୁଦ୍ଧାର କରାଯାଇପାରିଲେ ସହରରେ ଦେଖାଯାଉଥିବା ଜଳ ସଙ୍କଟକୁ ସମ୍ପୂର୍ଣ୍ଣ ଭାବେ ଦୂର କରାଯାଇପାରିବ । ଏପରି ଲୋକଦେଖାଣିଆ ତଥା କ୍ଷଣିକ ସମାଧାନ କାର୍ଯ୍ୟ କରିବା ଅପେକ୍ଷା ଦୀର୍ଘସୂତ୍ରୀ କାମ କରିପାରିଲେ କର୍ତ୍ତୃପକ୍ଷ ଚିରଦିନ ପାଇଁ ପ୍ରଶଂସିତ ହୋଇପାରିବେ । ସାଧାରଣତଃ ସମାଲୋଚନା ସେତେବେଳେ କରାଯାଏ, ଯେତେବେଳେ କି ଲୋକେ ଉପାୟ ତଥା ଅର୍ଥ ଥାଇ ମଧ୍ୟ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ଖାମଖିଆଲି ଓ ଅନିଚ୍ଛା ମନୋଭାବ ଯୋଗୁ ଅହେତୁକ କଷ୍ଟ ତଥା ହଇରାଣର ସମ୍ମୁଖୀନ ହୋଇଥାନ୍ତି । ବରଗଡ଼ ସହରରେ ଭରି ରହିଥିବା ବନ୍ଧ ଓ କଁଟା ଗୁଡ଼ିକର ପୁନରୁଦ୍ଧାର ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଥିଲେ ସୁଦ୍ଧା ଏହା ଉପରେ ପୌରପରିଷଦ କିମ୍ବା ଜିଲ୍ଲା ପ୍ରଶାସନିକ ଅଧିକାରୀ କାହାରି ମଧ୍ୟ ଚେତା ପଶୁନାହିଁ । ଯଦ୍ୱାରା ଉକ୍ତ ବନ୍ଧ ଓ କଁଟାଗୁଡ଼ିକ ଧୀରେ ଧୀରେ ସହରର ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ଦ୍ୱାରା ଜବରଦଖଲର ଶିକାର ହେବାରେ ଲାଗିଛି । ଏଥିପ୍ରତି ଦୃଷ୍ଟି ଦେବା ଦରକାର ।



କୃଷିଋଣ ଛାଡ଼କୁ ନେଇ ଭିନ୍ନଭିନ୍ନ ମତକୁ ଭିତ୍ତିକରି ଆଧାରୁଙ୍କ ବ୍ୟଙ୍ଗଚିତ୍ର । (ସୌ: ଟ୍ୱିଟର୍)

ଅଭିଯାନ

ବିଜେଡିର କଂଗ୍ରେସ ଅବସ୍ଥା ଆସିଲାଣି

ଖାରବେଳ ସ୍ୱାଇଁ, ସଭାପତି, ଉତ୍କଳ ଭାରତ

କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଆଜି ଗସ୍ତ କଲାବେଳେ ବିଜେଡିର କର୍ମୀମାନେ ତାଙ୍କ ଗାଡ଼ି ଉପରକୁ ଅଣ୍ଡାମାଡ଼ କରିବା ସହ ଗୋଇଠା ଓ ବିଧା ମାରିଥିଲେ । ଏହି ଘଟଣା ପ୍ରମାଣିତ କରୁଛି ଯେ, ବିଜେଡିର ଏବେ ଶେଷ ବେଳ ପହଞ୍ଚିଲାଣି । ଏହି ଦଳ ଆଉ କ୍ଷମତାରେ ରହିବ ନାହିଁ ବୋଲି ସଙ୍କେତ ମିଳୁ ଥିବାରୁ ବିଜେଡି କର୍ମୀମାନେ ପାଗଳ ପ୍ରାୟ ହୋଇଗଲେଣି । ଦୀର୍ଘକାଳ ଧରି କ୍ଷମତାରେ ରହିବା ଫଳରେ ସେମାନେ ଯେ କେତେବେଳେ କ୍ଷମତାରୁ ଚାଲି ଯାଇ ପାରନ୍ତି ଏକଥା ମଧ୍ୟ ଭାବି ପାରୁ ନାହାନ୍ତି । ସେଥିପାଇଁ ବିଜେଡି କର୍ମୀମାନେ ଅତ୍ୟନ୍ତ ହିଂସ୍ର ହୋଇ ଉଠୁଛନ୍ତି । କଂଗ୍ରେସ ଦଳ ୯୦ ଦଶକର ଶେଷ ଆଡ଼କୁ କ୍ଷମତାରୁ ଯିବାବେଳେ ଠିକ୍ ଏପରି ଆଚରଣ କରୁଥିଲା । କ୍ଷମତାରୁ ଚାଲିଯିବା ପରେ ଦୀର୍ଘ ସମୟ ହେଲା କଂଗ୍ରେସ ଆଉ କ୍ଷମତାକୁ ଆସିପାରୁନାହିଁ । ଆଗାମୀ ଦିନରେ ବିଜେଡି କ୍ଷମତାରୁ ଗଲେ କଂଗ୍ରେସ ସେହି ସ୍ଥାନକୁ ଆସିବା ସମ୍ଭବପର ନୁହେଁ । ପଶ୍ଚିମବଙ୍ଗରେ ଦୀର୍ଘ ୩୫ ବର୍ଷ କାଳ କ୍ଷମତାରେ ଥିବା ସିପିଏମ୍ ୨୦୧୧ରେ କ୍ଷମତାଚ୍ୟୁତ ହେଲାପରେ ପ୍ରତି ନିର୍ବାଚନରେ ଆହୁରି ତଳକୁ ତଳ ଖସୁଛି । ଭବିଷ୍ୟତରେ ସମ୍ପୃକ୍ତ ରାଜ୍ୟରେ ତୃଣମୂଳ କଂଗ୍ରେସ ଯେତେବେଳେ କ୍ଷମତାରୁ ଯିବ ସେତେବେଳେ ସିପିଏମ୍ ବଦଳରେ ଆଉ କେହି କ୍ଷମତାକୁ ଆସିବ । ତଦନୁରୂପ ଓଡ଼ିଶାରେ ବିଜେଡି ଥରେ କ୍ଷମତାରୁ ଚାଲିଗଲେ ଆଉ କେବେ କ୍ଷମତା ଦଖଲ କରିପାରିବ ନାହିଁ । ଏକଥା ସମସ୍ତଙ୍କୁ ଚିନ୍ତା କରିବାକୁ ପଡ଼ିବ ।

ଓପିନିଅନ୍ ପୋଲ୍

ଆଜିର ପ୍ରଶ୍ନ

ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟମାନ୍ୟତା କେତେ ଯୁକ୍ତିଯୁକ୍ତ ?

ଯଦି ଆପଣଙ୍କ ଉତ୍ତର ହଁ ତେବେ ଆମକୁ **Y**, ଯଦି ନା ତେବେ **N** ଲେଖି +91 7504762295ରେ ଏସ୍‌ଏମ୍‌ଏସ୍ କିମ୍ବା ହ୍ୱାଟ୍ସଅପ୍ କରନ୍ତୁ ।

ଗତ ଥରର ପ୍ରଶ୍ନ:

ନଦୀଜଳ ଉପରେ ଶିଳ୍ପର ଅଧିକାର ନାହିଁ କି ?



ସୋଶାଲ୍ ମିଡିଆରେ 'ନିତିଦିନ'

SMS and Whatsapp No.: 7504762295
Twitter @nitidintoday
facebook.com/nitidintoday
email: nitidinedit@gmail.com

ସୋଶାଲ୍ ମିଡିଆରୁ

ଶିକ୍ଷକ ଓ ଡାକ୍ତରଙ୍କ ଦୁର୍ନୀତି ବନ୍ଦ ହେଉ

ବ୍ଲକ ସ୍ତରରେ ପିସି କାରବାର ବନ୍ଦ କରିବାକୁ ମୁଖ୍ୟମନ୍ତ୍ରୀ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ନବୀନବାବୁ ଏପରି ନିର୍ଦ୍ଦେଶ ଦେଇ କ'ଣ ସରକାରୀ ଡାକ୍ତରଙ୍କ କ୍ଲିନିକ୍ ପ୍ରୀତିକୁ ବନ୍ଦ କରିପାରିବେ ? କାର୍ଯ୍ୟରେ ଅବହେଳା ପାଇଁ ଘରୋଇ ଓ ଆବାସିକ କଲେଜ୍‌ରେ ଶିକ୍ଷାଦାନ କରୁଥିବା ଶିକ୍ଷକ ଏବଂ ପ୍ରଫେସରଙ୍କୁ କାର୍ଯ୍ୟରୁ କ୍ଷାନ୍ତ କରିପାରିବେ ? ଭୋଟ୍‌ବ୍ୟାଙ୍କ ପାଇଁ ମେଡିକାଲ୍ ବୀମା ଆଳରେ ସରକାରଙ୍କ ତହବିଲରୁ କିଛି ଡାକ୍ତର ଓ ଘରୋଇ ଅନୁଷ୍ଠାନ କୋଟିକୋଟି ଟଙ୍କା ଆତ୍ମସାତ କରିବାରେ ଲାଗିଛନ୍ତି । କେବଳ ସରକାରୀ କାର୍ଯ୍ୟାଳୟରେ ପିସି ବନ୍ଦ କରିଦେଲେ ରାଜ୍ୟରୁ ଦୁର୍ନୀତି ହଟିବ ନାହିଁ । ପ୍ରଥମେ ଦୁର୍ନୀତିରେ ବୁଡ଼ିକି ଥିବା ୯୦% ଶିକ୍ଷକ ଓ ଡାକ୍ତରଙ୍କୁ କାର୍ଯ୍ୟରୁ ଛୁଟି କରାନ୍ତୁ । ପିଲାମାନେ ଯଦି କଲେଜ୍ ଶିକ୍ଷକମାନଙ୍କ ପାଖକୁ ଟ୍ୟୁସନ୍ ନଗଲେ, ତାହେଲେ ପରୀକ୍ଷାରେ ସେମାନଙ୍କ ମାର୍କ କଟୁଛି । ଡାକ୍ତରମାନେ କାର୍ଯ୍ୟାଳୟକୁ ନଆସି ଦରମା ପାଉଛନ୍ତି । ପ୍ରଥମେ ଏସବୁ କାର୍ଯ୍ୟକୁ ବନ୍ଦ କରିବାକୁ ପଦକ୍ଷେପ ନିଅନ୍ତୁ ।

ରାଧାଶ୍ୟାମ ସାହୁ, ବାଲେଶ୍ୱର

ସୁବିଧାବାଦୀ ରାଜନୀତି

ରାଜନୀତିର ମୂଳ ଅଭିସନ୍ଧି ହେଲା ସବୁ ନେତା ଅନ୍ୟ ଦଳର ନେତାଙ୍କୁ ଖରାପ ବୋଲି କହିବେ । ଏବେ ବିଜେଡି କ୍ଷମତାରେ ଥିବାରୁ ତାକୁ ସମସ୍ତେ ଦୁର୍ନୀତି ଗ୍ରସ୍ତ କହି ବିରୋଧ କରୁଛନ୍ତି । ହେଲେ ବିଜେଡି ବଦଳରେ ଯଦି ଏବେ ଆଉ କେହି କ୍ଷମତାକୁ ଫେରିବ, କିଛି ଲୋକ ଉକ୍ତ ସରକାରଙ୍କୁ ମଧ୍ୟ ଦୁର୍ନୀତିଗ୍ରସ୍ତ ବୋଲି କହିବାକୁ ପଛାଇବେ ନାହିଁ । ତେଣୁ କିଛି ଲୋକ ଏଠି ସୁବିଧାବାଦୀ ରାଜନୀତି କରିବାକୁ ପସନ୍ଦ କରନ୍ତି । ଯଦି ଏମିତି ଚାଲିବ, ତା'ହେଲେ ୩୦ ବର୍ଷ ପରେ ପୁଣି ଇଂରେଜ ଲୋକ ଆମକୁ ଶାସନ କରିବାକୁ ଭାରତରେ ପ୍ରବେଶ କରିବେ । ଆମ ଉପରେ ପୁଣି ଅତ୍ୟାଚାର ହେବ । ଆମ ଝିଅ ବୋହୂମାନେ ନିର୍ଯାତନାର ଶିକାର ହେବ । ତେଣୁ ଆମ ଦେଶ ହିନ୍ଦୁସ୍ଥାନ, ଆମ ରାଜ୍ୟ ଓଡ଼ିଶା କେମିତି ସୁରକ୍ଷିତ ରହିବ, ଏବେଠାରୁ ସେ ଦିଗରେ ସମସ୍ତେ ଚିନ୍ତା କରିବା ଦରକାର । କେବଳ ଅନ୍ୟକୁ ଦୋଷ ଦେଇ ବିରୋଧ ପ୍ରଦର୍ଶନ କଲେ କିଛି ଲାଭ ନାହିଁ । ତେଣୁ ସବୁ ରାଜନୀତିକ ଦଳ ଏନେଇ ଚିନ୍ତା ପ୍ରକଟ କରିବା ସହ ତଦନୁଯାୟୀ କାର୍ଯ୍ୟ କରନ୍ତୁ ।

ଅଜୟ କୁମାର ବେହୁରିଆ, ଭୁବନେଶ୍ୱର

ଚାଷୀଙ୍କ ପାଇଁ କ'ଣ କରିଛନ୍ତି

କୃଷିଋଣ ଛାଡ଼ କରିବା ରାଜନୀତିକ ଗୋଟି ଚାଳନା । କିନ୍ତୁ ଚାଷୀଙ୍କ ଜମିକୁ ପାଣି ଓ ବିଦ୍ୟୁତ୍ ଯୋଗାଇବା ସବୁ ସରକାରଙ୍କ କର୍ତ୍ତବ୍ୟ । ଏହି ୧୭ ବର୍ଷ ମଧ୍ୟରେ ବିଜେଡି ସରକାର ଚାଷୀକୁଳ ପ୍ରତି ଆଖି ବନ୍ଦ କରି ଦେଇଛି । ଚାଷୀଙ୍କ ଦୁର୍ଦ୍ଦଶା ପାଇଁ କ'ଣ ବିଜେଡି ସରକାର ଦାୟୀ ନୁହନ୍ତି ? ଏବେ କ'ଣ ସମୟ ଆସିନି କି ସରକାର ଚାଷୀ ଓ ଯୁବକଙ୍କ ପାଇଁ କିଛି ଚିନ୍ତା କରିବେ ? ସାମାଜିକ ସୁରକ୍ଷାରେ ଏମାନଙ୍କୁ ଅନ୍ତର୍ଭୁକ୍ତ କରିବା କ'ଣ ସରକାରଙ୍କ ଧର୍ମ ନୁହେଁ ? ଅନ୍ୟପକ୍ଷରେ କିଛି ଲୋକ କହୁଛନ୍ତି ବିଜେପି ମିଡିଆକୁ ଟଙ୍କା ଦେଇ କିଣି ନେଇଛି । ଯେଉଁମାନେ ଏପରି କହୁଛନ୍ତି ସେମାନେ ଏକଥାକୁ ପ୍ରମାଣିତ କରି ଦେଖାନ୍ତୁ । ଲୋକଙ୍କୁ ସରକାରଙ୍କ ଭଳି ଏହି ସମାଲୋଚନାକାରୀମାନେ ଭୁଆଁ ବୁଲାଉଛନ୍ତି । ବିକଳ୍ପ ନଥିଲା ବୋଲି ବିଜେଡି ୧୭ ବର୍ଷ କାଳ କ୍ଷମତାରେ ରହିଲାଣି । ଆଉ ଏବେ ବିଜେଡି ଭିତରେ ଡର ପଶିଛି । ଓଡ଼ିଶାର ଲୋକ ସବୁ ଦେଖୁଛନ୍ତି । ଠିକ୍ ସମୟରେ ସେମାନେ ଏହାର ଜବାବ ଦେବେ । ଖାଲି ୨୦୧୯ ନିର୍ବାଚନକୁ ଅପେକ୍ଷା ।

ତୃପ୍ତି ରଞ୍ଜନ ଦାସ, କଟକ

ବିଜେଡିର ମିଥ୍ୟା ପ୍ରଚାର ଧରାପଡ଼ିଲା

ବିଜେପି କେବଳ ପ୍ରଚାର ପ୍ରସାର ମାଧ୍ୟମରେ ଲୋକଙ୍କୁ ଭୁଆଁ ବୁଲାଉଛି ବୋଲି ବିଜେଡି ନେତମାନେ ଗଣମାଧ୍ୟମ ଆଗରେ ମତ ଦେବା ନିହାତି ଦୁଃଖର ବିଷୟ । କାରଣ କେନ୍ଦ୍ର ସରକାରଙ୍କ ଯୋଜନାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ଲଗାଇ ଓ ବିଜେଡି ଦଳର ରଙ୍ଗ ଲଗାଇ ଦଳୀୟ ନେତାମାନେ ଯେଉଁ ଲୋକଙ୍କୁ ଭୁଆଁ ବୁଲାଉଥିଲେ, ତାହା ଏବେ ଧରା ପଡ଼ି ଯାଇଛି । ଉଦାହରଣ ଟଙ୍କିକିଆ ଚାଉଳ ଓ ୧୦୮ ଆମ୍ବୁଲାନ୍ସ । ଏବେ କେନ୍ଦ୍ର ସରକାର ଲୋକଙ୍କ ପାଖରେ ପହଞ୍ଚି କେନ୍ଦ୍ରୀୟ ଯୋଜନା ବାବଦରେ ସଚେତନ କରାଉଛନ୍ତି । ଫଳରେ ଲୋକେ ରାଜ୍ୟ ସରକାରଙ୍କ ଅସଲ ଚେହେରାକୁ ଜାଣିପାରୁଛନ୍ତି । ଫଳରେ ବିଜେଡି ତା'ର ମିଥ୍ୟା ପ୍ରଚାର ଓ ପ୍ରସାର ଆଉ କରିପାରୁନାହିଁ । ବିଜେପି ସରକାର ଆସିବା ପରେ ବିଜେଡି ନିଜ ମିଥ୍ୟାର ପ୍ରଚାର ପ୍ରସାର ବୋଝ ବିଜେପି ଉପରେ ଲଦୁଛି । ଲୋକ ଦେଖାଣିଆ ଭାବେ ବିଜେପିର କେନ୍ଦ୍ରମନ୍ତ୍ରୀମାନଙ୍କୁ ଅଣ୍ଡାମାଡ଼ କରୁଛି । ଏଭଳି ରାଜନୀତିକୁ ଯେତେ ନିନ୍ଦା କଲେ ବି କମ୍ ପଡ଼ିବ ।

ଶୁଭାଶିଷ ଷଢ଼ଙ୍ଗୀ, ବ୍ଲଗର